## ଚିକିତ୍ସା ଅଭାବରୁ ଶିଶୁ ମୃତ୍ୟୁ ଅଭିଯୋଗ

ଜଳେଶ୍ୱର,(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ୫୭ନଂ. ରାଜ୍ୟ ରାଜପଥ କଡରେ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ଅଢେଇ ବର୍ଷର ଶିଶୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଝାଡପିମ୍ପଳ ଗ୍ରାମର ପ୍ରଫୁଲ୍ଲ ମାଝୀଙ୍କ ପୁଅ ଦୀପକ ଅସୁସ୍ଥ ହୋଇପଡିବାରୁ ସେ ଚିକିତ୍ସା ଲାଗି ଆସିଥିଲେ। ତାଙ୍କ ଚିକିତ୍ସାରେ ବିଳମ୍ବ ହେବାରୁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଉତ୍ତେଜନା ଦେଖାଦେବାରୁ ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଥିଲା। ପରେ ଆପୋଷ ସମାଧାନ ହୋଇଛି।

### ଆଜି କ'ଣ କେଉଁଠି

ବାଲେଶ୍ୱର

- ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ, ସ୍ଥାନ: ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୧୫।
- ରାଜ୍ୟସ୍ତରୀୟ ମେଗା କୁଇଜ୍ ପ୍ରତିଯୋଗିତା 'କ୍ୟୁଏଷ୍ଟ-୨୦୨୨', ସ୍ଥାନ: ମେଘଡମ୍ବରୁ, ସମୟ: ଅପରାହ୍ନ ୩ଟା।
- ମାଣିଖମ୍ଭ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସପ୍ତବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ମାଣିଖମ୍ଭ, ସମୟ: ଅପରାହ୍ନ ୫ଟା।

# ନୀଳଗିରିରେ ହେବ ପଥର ଶିଳ୍ପ କରିଡର

## ଜମି ଚିହ୍ନଟ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଲେ ଶିଳ୍ପମନ୍ତ୍ରୀ

ନୀଳଗିରି,୨୧।୧୨(ସ୍ୱ.ପ୍ର)

ଚମକିବ ନୀଳଗିରି ଉପଖଣ୍ଡରେ ଥିବା ପଥରଶିଳ୍ପ। ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଶକ୍ତି ବିଭାଗର ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଜନ୍ମଦିନ ଅବସରରେ ବୁଧବାର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଶୈବପୀଠର ଦର୍ଶନ କରିବାକୁ ଆସିଥିବାବେଳେ ଦୀର୍ଘଦିନ ଧରି ସନ୍ତରାଗଡିଆ, ବଉଳଗଡ଼ିଆ ଅଞ୍ଚଳର ପଥରଶିଳ୍ପୀଙ୍କୁ ଉପହାର ସ୍ୱରୂପ ଶିଳ୍ପ କରିଡ଼ର ଘୋଷଣା କରିଛନ୍ତି।

କେବଳ ଦେଶ ନୁହେଁ ବିଶ୍ୱସ୍ତରରେ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳର ସୁନାମ ରହିଛି। ଏହି ଅଞ୍ଚଳର ଶିଳ୍ପୀମାନେ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହାକୁ ବଞ୍ଚାଇ ରଖିବା ପାଇଁ ପଞ୍ଚଲିଙ୍ଗେଶ୍ୱରଠାରେ ୧୦ ଏକର ଜାଗାରେ ଏକ ଶିଳ୍ପ କରିଡ଼ର ଏବଂ କ୍ରାଫ୍ଟ ଭିଲେଜ୍ ପାଇଁ ସ୍ଥାନ ଚିହ୍ନଟ କରିବାକୁ ବିଭାଗୀୟ ମନ୍ତ୍ରୀ ପ୍ରତାପ ଦେବ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଯେତେ ଶୀଘ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହମତିରେ କ୍ଲଷ୍ଟର ନିର୍ମାଣ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ପୁରୀର ରଘୁରାଜପୁର ପରି କ୍ରାଫ୍ଟ ଭିଲେଜ ପଞ୍ଚଲିଙ୍ଗେଶ୍ୱରଠାରେ ନିର୍ମାଣ ହେଲେ ଦେଶ ବିଦେଶରେ ଅନେକ ଲୋକ ଗୋଟିଏ ସ୍ଥାନରେ ପଥର ସୁନ୍ଦର କାରୁକାର୍ଯ୍ୟ ଥିବା ମୂର୍ତ୍ତି ଦେଖିପାରିବେ। ପଥର ଶିଳ୍ପୀମାନେ ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରି ସହିତ ଯୋଡ଼ି ହେବେ ଏବଂ ମେକ୍ ଇନ୍ ଓଡ଼ିଶା ସହିତ ନିଜକୁ ଯୋଡ଼ି ପାରିବା ସହ ସହଜ ଋଣ ମଧ୍ୟ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ପଞ୍ଚଲିଙ୍ଗେଶ୍ୱରଠାରେ ଏକ ୩୩ କେଭି ଗ୍ରୀଡ୍ ସ୍ଥାପନ ପାଇଁ ହୋଇଥିବା ଦାବିକୁ ଦୃଷ୍ଟି ଦେଇ ବିହୀତ ପଦକ୍ଷେପ ନେବେ ବୋଲ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ପରିଦର୍ଶନ ବେଳେ ସ୍ଥାନୀୟ ବିଜେଡି ନେତା ସନ୍ତୋଷ ଖଟୁଆ, ଜିଲା ଯୁବ ବିଜେଡ଼ି ସଭାପତି ତାପସ ପରିଡ଼ା, ଶୁଭେନ୍ଦୁ ମଙ୍ଗରାଜ, ଶୁଭେନ୍ଦୁ ଶେଖର ଜେନା, ମନୋରଞ୍ଜନ ଦାସ, କୈଳାଶ ପଣ୍ଡା, ପୁରସ୍ତମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଆଲୋଚନା କରୁଛନ୍ତି।

# ଭଦ୍ରକରେ ଆୟକର ବିଭାଗର ଚଢ଼ାଉ

ଭଦ୍ରକ ଅଫିସ/ଚାନ୍ଦବାଲି/ବାସୁଦେବପୁର, ୨୧।୧୨(ଡି.ଏନ.ଏ.)

ଭଦ୍ରକ ଜିଲାରେ ବୁଧବାର ଆୟକର ବିଭାଗ ପକ୍ଷରୁ ୩ଟି ଜାଗାରେ ଚଢ଼ାଉ କରାଯାଇଛି। ଆୟକର ବିଭାଗର ୩ଟି ଟିମ୍ ଭୁବନେଶ୍ୱରରୁ ଆସି ଭଦ୍ରକ ପୋଲିସ ସହାୟତାରେ ଏହି ଚଢ଼ାଉ ଜାରି ରଖିଛନ୍ତି। ପୂର୍ବାହ୍ନ ୫ଟାରୁ ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡାଙ୍କ ଭଦ୍ରକ ଡାହାଣୀଗଡ଼ିଆ ମହାବୀର ନଗର ସ୍ଥିତ ଘରେ ଚଢ଼ାଉ କରାଯାଇଥିଲା। ଏହା ସମେତ ମହାବୀର ଛକରେ ଥିବା ତାଙ୍କ ଟାୟାର ଦୋକାନ ଓ ଗୁଆମାଳସ୍ଥିତ ପୈତୃକ ଘରେ ଚଢ଼ାଉ ଜାରି ରହିଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଓ ଆୟକର ଫାଙ୍କିବା ନେଇ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ସେହିପରି ଚାନ୍ଦବାଲି ବ୍ଲକ କରଣପଲ୍ଲୀସ୍ଥିତ ବିକି ମଣ୍ଡଳଙ୍କ ଘରେ ଚଢ଼ାଉ ଜାରି ରହିଛି। ତାଙ୍କର ୨ଟି ବରଫ କଳ, ଚିଙ୍ଗୁଡ଼ି ପ୍ରସେସିଂ ପ୍ଲାଣ୍ଟ ରନ୍ଧନ ଗ୍ୟାସ ଏଜେନ୍ସି ଏବଂ ପେଟ୍ରୋଲ ପମ୍ପରେ ଟିକସ ଫାଙ୍କିବା ନେଇ ଆୟକର ବିଭାଗ ପାଖରେ ଅଭିଯୋଗ ଥିଲା। ପ୍ରକାଶଥାଉକି ୨୦୧୯ରେ ଆୟ ବହିର୍ଭୁକ୍ତ ସମ୍ପତ୍ତି ଠୁଳ ମାମଲାରେ ତାଙ୍କ ଘରେ ଚଢ଼ାଉ ହୋଇଥିଲା। ସେହିପରି ବାସୁଦେବପୁର ଅଞ୍ଚଳର ଚିଙ୍ଗୁଡ଼ି ବ୍ୟବସାୟୀ ସୁବାସ ଚନ୍ଦ୍ର ମହାନ୍ତିଙ୍କ ଘରେ ବୁଧବାର ସକାଳୁ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ତାଙ୍କ ଭୈରବପୁର ସ୍ଥିତ ବାସଭବନ, ବାସୁଦେବପୁର ବାଳିକା ହାଇସ୍କୁଲ ରୋଡ୍‌ରେ ଥିବା ଘର, ଧାମରା ଘର ସମେତ ବିଭିନ୍ନ ସ୍ଥାନରେ ଏକ ସଙ୍ଗରେ ଏହି ଚଢ଼ାଉ ଜାରି ରହିଛି। ମହାନ୍ତି ବାସୁଦେବପୁର ଅଞ୍ଚଳର ଜଣେ ଜଣାଶୁଣା ଚିଙ୍ଗୁଡ଼ି ବ୍ୟବସାୟୀ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ତାଙ୍କର ଜାଗା ଓ ଘର ରହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି।

## ଟ୍ରକ୍ ଧକ୍କାରେ ଜଣେ ମୃତ

ଭଦ୍ରକ ଅଫିସ,୨୧।୧୨- ୧୬ ନଂ. ଜାତୀୟ ରାଜପଥର ଚରମ୍ପା ନ୍ୟାଶନାଲ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଚୁନ୍ନଟୀ ଗ୍ରାମର ନରୋତ୍ତମ ଦାସ। ସେ ଜାତୀୟ ରାଜପଥ ପାର୍ଶ୍ୱରେ ଗାଡ଼ି ଗ୍ରୀସିଂ କରି ପରିବାର ଚଳାନ୍ତି। ବୁଧବାର ମଧ୍ୟାହ୍ନରେ ରାଜପଥ କଡ଼ରେ ଏକ ମିନିଟ୍ରକ (ନଂ. ଓଡି ୦୧ ଡବ୍ଲ୍ୟୁ ୯୪୨୦)କୁ ଗ୍ରୀସିଂ କରୁଥିଲେ। ସେହି ସମୟରେ ଟ୍ରକ (ନଂ. ଓଡି ୦୪ ଜେ ୫୬୦୨) ମିନିଟ୍ରକକୁ ଧକ୍କା ଦେଇଥିଲା। ମିନିଟ୍ରକ ଆଗରେ ଥିବା ଏକ ହାଇୱାରେ ବାଡ଼େଇ ହୋଇଥିଲା। ମିନିଟ୍ରକ ଗ୍ରୀସିଂ କରୁଥିବା ନରୋତ୍ତମ ହାଇୱାରେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୁରୁଣାବଜାର ଥାନାଧିକାରୀ ଓ ଟାଉନ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟ
## ସିନିୟରଙ୍କ ଆକ୍ରମଣରେ ଛାତ୍ର ଗୁରୁତର

ଆନନ୍ଦପୁର,୨୧।୧୨(ସ୍ୱ.ପ୍ର.) କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଛାତ୍ରଙ୍କୁ ମାଡ ହୋଇଛି। ସାମାନ୍ୟ କଥାକୁ କେନ୍ଦ୍ର କରି +୨ ଛାତ୍ରଙ୍କୁ ସହପାଠୀ ଓ ସିନିୟର ଛାତ୍ରଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ଛାତ୍ର ଭଦ୍ରକ ଜିଲା ଆପଣ୍ଡା ଗ୍ରାମର ସୁବ୍ରତ ପାତ୍ର। ସୂଚନା ମୁତାବକ, ମଙ୍ଗଳବାର ସୁବ୍ରତ ଘରକୁ ଫେରିବା ସମୟରେ ହଲରେ ପାଟିତୁଣ୍ଡ କରୁଥିବା ଜଣେ ଯୁକ୍ତ ୨ ବିଜ୍ଞାନ ଛାତ୍ରଙ୍କୁ ବାରଣ କରିଥିଲେ। ଫଳରେ ସମ୍ପୃକ୍ତ ବିଜ୍ଞାନ ଛାତ୍ରଙ୍କ ସହିତ ସୁବ୍ରତଙ୍କର କଥା କଟାକଟି ହୋଇଥିଲା। ଆକ୍ରୋଶରେ ବୁଧବାର ସମ୍ପୃକ୍ତ ଛାତ୍ର ଅନ୍ୟ ଯୁକ୍ତ ୩ ଛାତ୍ରଙ୍କ ସହିତ ମିଶି ସୁବ୍ରତଙ୍କୁ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ବି ସମ୍ଭବ ହୋଇପାରିନି।

## ପ୍ରକୃତି ମିତ୍ର ଗମୁ ପାତ୍ରଙ୍କ ପରଲୋକ

ବଡବିଲ,୨୧।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ସାଧୁସିଂ ହଟିଂ ଅଞ୍ଚଳରେ ରହୁଥିବା ପ୍ରକୃତି ମିତ୍ର ଗମୁ ପାତ୍ରଙ୍କ ୯୦ ବର୍ଷରେ ପରଲୋକ ହୋଇଛି। ସେ ଦୀର୍ଘ ଦିନରୁ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ବଡ଼ବିଲ ତହସିଲ କାର୍ଯ୍ୟାଳୟ ପଛପାଖ ଜଙ୍ଗଲର ସୁରକ୍ଷା ନିମନ୍ତେ ସେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ନିମନ୍ତେ ବନ ବିଭାଗ ଦ୍ୱାରା ସେ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ପାଇଛନ୍ତି। ମରଶରୀରକୁ ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ଗମୁଙ୍କ ଦ୍ୱାରା ସୃଷ୍ଟି ଜଙ୍ଗଲକୁ ଏକ ଶୋଭାଯାତ୍ରାରେ ନେଇଥିଲେ। ସେଠାରେ ତାଙ୍କର ଶେଷକୃତ୍ୟ ହୋଇଥିଲା।

# ୨କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଭାଜପା ନେତା

ଭଦ୍ରକ ଅଫିସ, ୨୧।୧୨

ରାଜ୍ୟ ଭାଜପାର ପୂର୍ବତନ ସଙ୍ଗଠନ ମନ୍ତ୍ରୀ ପଞ୍ଚାନନ ରାଉତ ବୁଧବାର ନୂଆଦିଲ୍ଲୀରେ ସଡ଼କ, ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଗଡ଼କରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଭଦ୍ରକର ଆଖୁଆପଦା ଛକ ଓ ପାଇମହୁରା ଛକଠାରେ ଗଳା ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ରାଉତ ଜଣାଇଛନ୍ତି। ପରେ ରେଳ ମନ୍ତ୍ରାଳୟ କାର୍ଯ୍ୟାଳୟରେ ରେଳମନ୍ତ୍ରୀ ବୈଷ୍ଣବଙ୍କୁ ସାକ୍ଷାତ କରି ଭଦ୍ରକ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ରାଣୀତାଲ ଓ ଭଦ୍ରକ ଷ୍ଟେଶନ ମଧ୍ୟରେ ଥିବା ୧୧୮ ନମ୍ବର ଏଲ୍‌ସି, କେନ୍ଦୁଆପଦା ଓ ମଞ୍ଜୁରୀ ରୋଡ୍ ଷ୍ଟେଶନ ମଧ୍ୟରେ ଥିବା ୧୨୫ ନମ୍ବର ଏଲ୍‌ସି, ମଞ୍ଜୁରୀ ରୋଡ୍ ଓ ବୈତରଣୀ ରୋଡ୍ ମଧ୍ୟରେ ଥିବା ୧୨୯ ନମ୍ବର ଏଲ୍‌ସିଠାରେ ରେଳ ଓଭରବ୍ରିଜ ପାଇଁ ୨୦୨୦ରୁ ଟଙ୍କା ମଞ୍ଜୁରୀ ହୋଇ ଟେଣ୍ଡର ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ। ଭଦ୍ରକ ରେଳ ଡାକ ସେବା ୧୯୬୬ରେ ଭଦ୍ରକଠାରେ ସ୍ଥାପିତ ହୋଇ ଭଦ୍ରକର ଜରୁରୀକାଳୀନ ସେବା ପ୍ରଦାନ କରି ଆସୁଛି। ପୂର୍ବରୁ ୨୦୧୧ରେ କେନ୍ଦ୍ର ସରକାର ଭଦ୍ରକରେ ଥିବା ସ୍ପିଡ୍ ପୋଷ୍ଟ ସେବାର ହବ ସେଣ୍ଟରକୁ ବାଲେଶ୍ୱର ସ୍ଥାନାନ୍ତରିତ କରିଥିଲେ। କେନ୍ଦୁଆପଦା ରେଳଷ୍ଟେଶନଠାରେ ଇଷ୍ଟ କୋଷ୍ଟ ଏକ୍ସପ୍ରେସ ଟ୍ରେନର ପୁର୍ନବାର ରହଣୀ ପାଇଁ ଦାବିସେ ଜଣାଇଛନ୍ତି। ରେଳମନ୍ତ୍ରୀ ଏ ସମସ୍ତ ବିଷୟରେ ତୁରନ୍ତ ପଦକ୍ଷେପ ନେବାକୁ ରାଉତଙ୍କୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।



ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଭାଜପା ନେତା ପଞ୍ଚାନନ ରାଉତ।

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ତେଲକୋଇ,୨୧।୧୨(ଡି.ଏନ.ଏ.)

ତେଲକୋଇ ବ୍ଲକ ଅଧୀନ ଗୋଳାବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ଯୁଗ୍ମ ଭାବେ ରଘୁନାଥ ପିଙ୍ଗୁଆ, ହିମାଂଶୁ ସିଙ୍କୁ ଚାମ୍ପିୟନ ହୋଇଥିବା ବେଳେ ବାଳିକା ବର୍ଗରେ ଅର୍ଚ୍ଚନା କିଶାନ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଛାମୁଣ୍ଡା ପଞ୍ଚାୟତ ସମିତି ସଭ୍ୟା ପ୍ରତିଭା ସାହୁ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଅନନ୍ତ ଚରଣ ସାହୁ , ଭାବଗ୍ରାହୀ ସାହୁ, ପୁରାତନ ଛାତ୍ର ତଥା ସାମ୍ବାଦିକ ଚିନ୍ମୟ କୁମାର ସାହୁ, ସ୍କୁଲ ଉନୟନ କମିଟି ସଭ୍ୟ ଶ୍ରୀହରି ନାୟକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପିରଞ୍ଜନ ନନ୍ଦ ସଭାରେ ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାରିକ, ପ୍ରଫୁଲ ମହାନ୍ତ, ଅର୍ପିତା ଅନୁଶ୍ରୀ ପାତ୍ର, ହେମାନନ୍ଦ ଚୌହାନ, ଚିତ୍ତରଞ୍ଜନ ନାୟକ, ଛବି ନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଖେଳ ଶିକ୍ଷକ ସୁଜିତ କୁମାର ରଣା କ୍ରୀଡ଼ା ପରିଚାଳନା କରିଥିଲେ।

# ମେଳା କୁନି ବୈଜ୍ଞାନିକଙ୍କ ଆତ୍ମବିଶ୍ୱାସ ବଢ଼ାଏ

## ଜିଲାସ୍ତରୀୟ ବିଜ୍ଞାନମେଳା

କେନ୍ଦୁଝର,୨୧।୧୨(ଡି.ଏନ୍.ଏ)

କେନ୍ଦୁଝର ସଦର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ୨୦୨୨-୨୩ ଶିକ୍ଷାବର୍ଷର ବିଜ୍ଞାନ, ଗଣିତ ଓ ପରିବେଶ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏଥିସହିତ ୨୦୨୧-୨୨ ମସିହାର ଇନସ୍ପାୟାର ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି ଯୋଗଦେଇ ବିଜ୍ଞାନ ମେଳା କୁନି କୁନି ବୈଜ୍ଞାନିକମାନଙ୍କ ଆତ୍ମବିଶ୍ୱାସ ବଢ଼ାଏ। ସେମାନଙ୍କୁ ସହଯୋଗ କଲେ ଆଗକୁ ଅଗ୍ରସର ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଏନ୍‌ଏଚ୍‌ଆର୍‌ଏମ୍‌ର ରିପ୍ରେଜେଣ୍ଟେଟିଭ୍ ବିଜନ ସାହୁ ଯୋଗଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଶିଶୁ ବୈଜ୍ଞାନିକମାନଙ୍କୁ ସାଧୁବାଦ ଜଣାଇଥିଲେ। ଜିଲାସ୍ତରୀୟ ବିଜ୍ଞାନ ମେଳାରେ ୮୫ ଜଣ ଏବଂ ଇନ୍ସପାୟାର ବିଜ୍ଞାନମେଳାରେ ୧୪୨ ଜଣ ବୈଜ୍ଞାନିକ ତଥା ୨୩୫ ଜଣ ବିଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

# ନ୍ୟାୟ ପାଇଁ ୨ କନ୍ୟାଙ୍କୁ ଧରି ଥାନା ଆଗରେ ମା'

ଔପଦା, ୨୧।୧୨

ବାଲେଶ୍ୱର ଜିଲା ଔପଦା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଧରି ଆଣି ଅନୁକମ୍ପା ଦେଖାଇବାରୁ ୨ କନ୍ୟା ସନ୍ତାନକୁ ନେଇ ମା' ଥାନା ଗେଟ ଆଗରେ ରାତି ବିତାଇବା ଘଟଣା ଔପଦା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ବିବାଦ ପରେ ସ୍ତ୍ରୀ ନିଜର ଓ ୨ ଝିଅଙ୍କର ଭରଣପୋଷଣ ପାଇଁ ଅଦାଲତ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ମାମଲାର ବିଚାର କରି ସ୍ତ୍ରୀ ସହିତ ୨ କନ୍ୟା ସନ୍ତାନର ଭରଣପୋଷଣ ପାଇଁ ସ୍ୱାମୀଙ୍କୁ ୨୦ ହଜାର ଟଙ୍କା କୋର୍ଟରେ ଦାଖଲ କରିବା ସଙ୍ଗେ ପ୍ରତି ମାସକୁ ଖୋରାକ ଓ ପୋଷାକ ବାବଦକୁ ୫ହଜାର ଟଙ୍କା ଦେବା ପାଇଁ ରାୟ ଦେଇଥିଲେ। ଆଦେଶକୁ ଅବମାନନା କରିବା ପରେ କୋର୍ଟ ସ୍ୱାମୀ ବିରୋଧରେ ୱାରେଣ୍ଟ ଜାରି କରିଥିଲେ। କୌଣସି ମାମଲାରେ ଗତ ୨୦ ତାରିଖରେ ସ୍ୱାମୀ ଜଣକ ଖଇରା ଥାନାକୁ ଯାଇଥିବା ବେଳେ ସ୍ତ୍ରୀ ଖବର ପାଇ ସେଠାରେ ପହଞ୍ଚିଥିଲେ। ଔପଦା ପୋଲିସ ବିଳମ୍ବିତ ରାତ୍ରିରେ ଖଇରାରେ ପହଞ୍ଚି ଫେରାର ଅଭିଯୁକ୍ତଙ୍କୁ ଧରି ଔପଦା ଥାନାକୁ ଆଣିଥିଲେ। ସ୍ତ୍ରୀ ୨ ସନ୍ତାନକୁ ଧରି ଔପଦା ଥାନାରେ ପହଞ୍ଚିବା ପରେ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପାଇଁ ପୋଲିସକୁ କହିଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା କୋର୍ଟଚାଲାଣ କରାଯାଇ ନ ଥିବାରୁ ମହିଳାଜଣକ ୨ ପିଲାଙ୍କୁ ଧରି ଶୀତରାତିରେ ଥାନା ଗେଟ ବାହାରେ ରାତି ବିତାଇଛନ୍ତି।

# ଅଗ୍ନିଶମ,ବିପର୍ଯ୍ୟୟ ପରିଚାଳନା ଉଦ୍ୟାନ ଉଦ୍‌ଘାଟିତ

- ରାଜ୍ୟର ଦ୍ୱିତୀୟ
- ଉପକୃତ ହେବେ ୩ ଜିଲାର ଜନସାଧାରଣ

ବାରିପଦା ଅଫିସ, ୨୧।୧୨

ମୟୂରଭଞ୍ଜ ଜିଲା ବାରିପଦାଠାରେ ଅଗ୍ନିଶମ ଓ ବିପର୍ଯ୍ୟୟ ପରିଚାଳନା ଉଦ୍ୟାନ ଉଦ୍‌ଘାଟିତ ହୋଇଛି। ରାଜ୍ୟ ଅଗ୍ନିଶମ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଅଗ୍ନିଶମ ଓ ବିପର୍ଯ୍ୟୟ ପରିଚାଳନା ଉଦ୍ୟାନ ପରେ ବାରିପଦା ଉଦ୍ୟାନ ରାଜ୍ୟର ଦ୍ୱିତୀୟ ଉଦ୍ୟାନ ଅଟେ। ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲାର ଜନସାଧାରଣ ଏହି ପାର୍କ ଭ୍ରମଣରେ ଆସି ଅଗ୍ନି ନିର୍ବାପକ ଓ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ସମ୍ବନ୍ଧୀୟ ସଚେତନ ହୋଇପାରିବେ। ବିଶେଷ ଭାବରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ମିଶନଶକ୍ତି ମହିଳା ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ସଙ୍ଗଠନ, ବଣିକ ସଂଘ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଛୁଟିଦିନ ମାନଙ୍କରେ ପରିଭ୍ରମଣରେ ଆସି ଅଗ୍ନିଶମ ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଜ୍ଞାନ ଆହରଣ କରିବେ। ନୂତନ କୋଠା ଉଦ୍‌ଘାଟନ ସମୟରେ ଜିଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ ଅଗ୍ନିଶମ ମହାନିର୍ଦ୍ଦେଶକ ଉପାଧ୍ୟାୟଙ୍କୁ ପୁରଣା ରାଜାରାଜୁଡ଼ା ଅମଳର କୋଠାର ସଂରକ୍ଷଣ ସହିତ ଏକ ଅଗ୍ନିଶମ ମ୍ୟୁଜିୟମ ବା ଉଦ୍ୟାନ ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଏଫ୍‌ଓ (ଏସ୍‌ଏଜି) ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱର ମଣ୍ଡଳର ଜିଲାଅଗ୍ନିଶମ ଅଧିକାରୀ ସତ୍ୟପ୍ରିୟ ବେହେରା, ସ୍ଥାନୀୟ କାଉନସିଲର ସୁକେସିନୀ ସେଠୀ, ସମାଜସେବୀ ଅମର ସେଠୀ ଉପସ୍ଥିତ ଥିଲେ। ସହକାରୀ ଜିଲା ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ଗୋପବନ୍ଧୁ ନଗର, ୨୧।୧୨(ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକର ଜୟପୁର ଓ ରାଣୀବନ୍ଧ ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜୟପୁର ପଞ୍ଚାୟତର ଦାମାସାହି ଫୁଟବଲ ପଡ଼ିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଦିଘି ନୂଆସାହି ଓ ଦାମାସାହି ଅଞ୍ଚଳରୁ ମୋଟ ୩୨ ଜଣ ଖେଳାଳି ପଞ୍ଜିକରଣ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଦିବାକର ନାୟକ ଏହାକୁ ଉଦଘାଟନ କରିଥିଲେ। ସରପଞ୍ଚ ମମତା ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମିତିସଭ୍ୟା ଭାରତୀ ସାହୁ, ପୂର୍ବତନ ସରପଞ୍ଚ ଭାସ୍କର ସିଂ, ପିଇଓ ବିଜନ ମହାପାତ୍ର, ଚୌଧୁରୀ ସିଂ, ପ୍ରସନ୍ନ ବାରିକ, ଭକ୍ତ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରାଣୀବନ୍ଧ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ସିଆଳିଆ, ଚଡଦା, ଧୋବାଶୋଳ, ରାଣୀବନ୍ଧ, ବାଙ୍କିଶୋଳ, କୁଡିଆଖୁଣ୍ଟା ଆଦି ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ସରପଞ୍ଚ ମମତା ଖଟୁଆ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

## ବାଇକ୍ ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର ନେଇଗଲେ

ଧାମନଗର,୨୧।୧୨(ଡି.ଏନ.ଏ)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦୋବଲ ବସ୍‌ଷ୍ଟାଣ୍ଡ ବଜାରଠାରୁ ଜଣେ ବ୍ୟବସାୟୀଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ରୂପା ଅଳଙ୍କାର ନେଇଯାଇଛନ୍ତି। ଦୋବଲ ପଞ୍ଚାୟତ ସୋଧ ଗ୍ରାମର ନିରାକାର ସାହୁ ଗାଁରେ ବୁଲି ରୁପା ଅଳଙ୍କାର ବିକ୍ରି କରିଥାନ୍ତି। ବୁଧବାର ସନ୍ଧ୍ୟାରେ ବେପାର ସାରି ଦୋବଲ ବଜାରରେ ବାଇକ୍ ରଖି ମୋବାଇଲ ରିଚାର୍ଜ କରିବାକୁ ଯାଇଥିଲେ। ଫେରିବା ବେଳକୁ ତାଙ୍କ ଡିକି ଖୋଲାଥିଲା। ଡିକି ଭିତରେ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ରୁପା ଅଳଙ୍କାର ନ ଥିବା ଦେଖିଥିଲେ। ନିକଟରେ ଥିବା କେତେକ ଦୋକାନର ସିସିଟିଭି ଯାଞ୍ଚ କରାଯାଇଥିଲେ ମଧ୍ୟ ଲୁଟ ସମ୍ପର୍କରେ ସୁରାକ ମିଳିନାହିଁ। ଏ ନେଇ ବ୍ୟବସାୟୀ ଧାମନଗର ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନାହିଁ।

# ବହିର୍ବିଭାଗ ଚିକିତ୍ସା କେନ୍ଦ୍ରର ଭିତ୍ତିପ୍ରସ୍ତର

## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

ଚମ୍ପୁଆ,୨୧।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ବହିର୍ବିଭାଗ ରୋଗୀ ଚିକିତ୍ସା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମିପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ କରକମଳରେ ଓଡ଼ିଶା ଖଣିଜ ସମ୍ପଦ ଧାରକ ଅଞ୍ଚଳ ଉନ୍ନୟନ ନିଗମ ପକ୍ଷରୁ ୧ କୋଟି ୧୯ ଲକ୍ଷ ୭୩ ହଜାର ୬୯୪ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯିବ। କାର୍ଯ୍ୟକ୍ରମରେ ଉପକଣ୍ଠ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ ବେହେରା, ଏନ୍‌ଏସି ଅଧକ୍ଷ ଗିରିଜା ଶଙ୍କର ସାହୁ, ଉପାଧକ୍ଷା ସୁମିତ୍ରା ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ବୁଦ୍ଧିଆ ମାରାଣ୍ଡି ଓ ସହକାରୀ ଯନ୍ତ୍ରୀ ଧର୍ମେନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ। ଉପାନ୍ତ ଅଞ୍ଚଳ ଚମ୍ପୁଆରେ ରୋଗୀ ସେବାର ଉନ୍ନତି ପାଇଁ ଏହା ସହାୟକ ହେବ ବୋଲି ସ୍ଥାନୀୟ ଲୋକ ମତ ପ୍ରକାଶ କରିଥିଲେ।

# ୨୯ରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ

## ସିବିଆଇ ତଦନ୍ତ ଦାବି କଲା ଭଞ୍ଜସେନା




ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭଞ୍ଜସେନାର କର୍ମକର୍ତ୍ତା।

ବାରିପଦା ଅଫିସ,୨୧।୧୨

ମୟୂରଭଞ୍ଜ ଜିଲାର ଶୋଭା ବର୍ଦ୍ଧନ କରୁଥିବା 'ଶିମିଳିପାଳ ବଞ୍ଚାଅ' ଅଭିଯାନକୁ ନେଇ ଅଗ୍ରଣୀ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଭୟାରଣ୍ୟରେ ହାତୀ ଶିକାର ଓ ପ୍ରମାଣ ନଷ୍ଟ ଘଟଣାରେ ସବିଆଇ ତଦନ୍ତ ଦାବି କରିଛି ସଂଗଠନ। ଏ ନେଇ ଜିଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି ଓ ପ୍ରାଧନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟ ପକ୍ଷରେ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅବଗତ କରିବା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୭ ଦିନ ମଧ୍ୟରେ ସିବିଆଇ ତଦନ୍ତ ଭାର ଗ୍ରହଣ ନ କଲେ ଆସନ୍ତା ୨୯ତାରିଖରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଶିମିଳିପାଳ ବିରୋଧୀ ଅଭିଯାନକୁ ଲୋକଲୋଚନକୁ ଆଣି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ ବିକ୍ଷୋଭ ଓ ଆନ୍ଦୋଳନାତ୍ମକ ପନ୍ଥା ଜାରି ରହିବ ବୋଲି ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତି ପ୍ରକାଶ କରିଛନ୍ତି। ଏହି ବିକ୍ଷୋଭ ସମାବେଶରେ ଶୃଙ୍ଖଳାଗତ କମିଟିର ସଭାପତି ସତ୍ୟସ୍ୱରୂପ ଦାଶ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ଓବିସି ସେଲର ସଭାପତି ରାକେଶ ବେହେରା, ସାମନ୍ତ ଶେଖର ପାଲ, ମହିଳା ନେତ୍ରୀ କନିକା ବୋଷ, ମୁଖପାତ୍ର ମାନସ ବେହେରା, ଜ୍ୟୋତି ରଞ୍ଜନ ପୃଷ୍ଟି, ସୌମ୍ୟ ରଞ୍ଜନ ମିଶ୍ର, ରାକେଶ ମହାନ୍ତିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଚାଷୀଙ୍କ ହାତରେ ପରିବର୍ତ୍ତନ କ୍ଷମତା ରହିଛି: ବିଧାୟକ

## କୃଷି ଉଦ୍ୟୋଗ ଯୋଜନା କର୍ମଶାଳା

ଭଣ୍ଡାରିପୋଖରୀ,୨୧।୧୨(ସ୍ୱ.ପ୍ର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀଧର ଦାସଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରିଥିଲେ। ଚାଷୀଙ୍କ ହାତରେ ପରିବର୍ତ୍ତନର କ୍ଷମତା ରହିଛି। । ତେଣୁ ସରକାର କୃଷକମାନଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ଅଧିକରୁ ଅଧିକ ଯୋଜନା ପ୍ରଣୟନ କରୁଥିବା ବିଧାୟକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ତରୁଣ ଛୋଟରାୟ, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ବ୍ଲକ୍ ଅଧ୍ୟକ୍ଷା ସୁମତି ସେଠୀ, ବ୍ଲକ୍ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ବିବିସି ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବଦ୍ରିନାରାୟଣ ରାଉତ, ସାଂସଦ ପ୍ରତିନିଧି ଲଳିତ ରାଉତ, ବ୍ଲକ୍ ଆତ୍ମାର ଅଧକ୍ଷା ରଶ୍ମିବାଳା ନାୟକ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍ ଟେକ୍‌ନିକାଲ ମ୍ୟାନେଜର (ବିଟିଏମ) ମାନସ ରଞ୍ଜନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏଟିଏମ ମାନସ ଜେନା ଆଭିମୁଖ୍ୟ ପ୍ରଦାନ ଓ ଅଭିନାଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବଳରାମ ଯୋଜନାରେ ତିନିଗୋଟି ଭାଗଚାଷୀ ଗୋଷ୍ଠୀକୁ ମୁଖ୍ୟ ଅତିଥି ବିଧାୟକ ସାମଲ ରିହାତି ଋଣ ବାବଦୀୟ ଚେକ ପ୍ରଦାନ କରିଥିଲେ। ଆୟୋଜିତ କର୍ମଶାଳାକୁ ଗ୍ରାମ୍ୟ କୃଷି କର୍ମଚାରୀ ତାରିଣୀ ପ୍ରସାଦ ନାୟକ, ନିରୂପମା ନାୟକ, ମମତା ମଞ୍ଜରୀ ସେଠୀ, ଶିବ ନାରାୟଣ ପାଣି, ଆଶିଷ ରାଉତ, ପ୍ରମୋଦ ନାୟକ, ସ୍ମୃତିରଞ୍ଜନ ରାଉତ, ସସ୍ମିତା ବେହେରା, କମଳା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।




କୃଷି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

## ଟଙ୍କା ବ୍ୟାଗ ପାଇ ଫେରାଇଲେ ୩ ଯୁବକ

ସୋର, (ଡି.ଏନ୍.ଏ.)-ସୋର ପୌରପାଳିକା ଅଧୀନ ଉତ୍ତରେଶ୍ୱର ନିକଟସ୍ଥ ଏସବିଆଇ ଏଟିଏମରୁ ଟଙ୍କା ଥିବା ବ୍ୟାଗ ପାଇ ୩ଜଣ ଯୁବକ ସୋର ଥାନାରେ ଜିମା ଦେଇଛନ୍ତି। ସରଳିଆ ଗ୍ରାମର ଚିନ୍ମୟ ବେହେରା, ଅଜିତ ବାରିକ ଓ ସୌମ୍ୟ ପରିଡା ଉତ୍ତରେଶ୍ୱରସ୍ଥିତ ଏସବିଆଇ ଏଟିଏମକୁ ଟଙ୍କା ଉଠାଣ ପାଇଁ ଆସିଥିଲେ। ଏଟିଏମ କାଉଣ୍ଟରରେ ଏକ କଳା ରଙ୍ଗର ବ୍ୟାଗ ଦେଖିଥିଲେ। ବ୍ୟାଗରେ ୧୬,୨୦୦ ଟଙ୍କା ସହିତ ପରିଚୟ ପତ୍ର ଏବଂ ଏଟିଏମ କାର୍ଡ ଥିବା ଦେଖିଥିଲେ। ସେମାନେ ସିଙ୍ଗାଖୁଣ୍ଟା ପଞ୍ଚାୟତ ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ଜେନାଙ୍କୁ ଯୋଗାଯୋଗ କରିବା ସହ ଥାନାରେ ପହଞ୍ଚି ବ୍ୟାଗକୁ ଜିମା ଦେଇଥିଲେ।



### ସଂକ୍ଷେପରେ

## ଗୋନାସିକା ମହୋତ୍ସବ ଦର୍ଶକଙ୍କୁ ବିମୋହିତ କଲା ଖଣ୍ଡାନୃତ୍ୟ



କେନ୍ଦୁଝର,୨୧।୧୨(ସ୍ୱ.ପ୍ର.): କେନ୍ଦୁଝର କାଳୀ ପଡ଼ିଆରେ ଚାଲିଥିବା ଗୋନାସିକା ମହୋତ୍ସବର ୪ର୍ଥ ଦିନରେ ଗୋଁଡ ସାଂସ୍କୃତିକ ସମାଜ ତରଫରୁ ଗୋଁଡ ଜାତିର ପାରମ୍ପାରିକ ଖଣ୍ଡାନୃତ୍ୟ ପ୍ରଦର୍ଶୀତ ହୋଇଥିଲା। ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ମଧ ନିଜ ନିଜ ସଂସ୍କୃତିର ନୃତ୍ୟ ପରିବେଷଣ କରିଥିଲେ। ମାତ୍ର ଖଣ୍ଡାନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଖଣ୍ଡାନୃତ୍ୟକୁ ନିର୍ମଳ ନାୟକ ପରିଚାଳନା କରିଥିଲେ। ଏଥିରେ ବାଲିପୋଖରୀ, ଜଡ଼ିପଦା ଏବଂ ପିପିଳିଆ ଗ୍ରାମର କଳାକାରମାନେ ଭାଗ ନେଇଥିଲେ। ସମାଜର ଜିଲା ସଭାପତି ଜନାର୍ଦ୍ଦନ ନାୟକ, ଉପ ସଭାପତି ଅନାଦି ଚରଣ ନାୟକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭାଗୀରଥି ନାୟକ ଓ ଭାସ୍କର ଚନ୍ଦ୍ର ନାୟକ ଜିଲା ସମ୍ପାଦକ ଚକ୍ରଧର ନାୟକ, ଦିଗାମ୍ବର ଦଣ୍ଡପାଟ ଓ ଗଦାଧର ନାୟକ, ଆଇନଜୀବୀ ଦୁଷ୍ମନ୍ତ ପ୍ରଧାନ, ବାଲିପୋଖରୀପଲ୍ଲୀର କର୍ମକର୍ତ୍ତା ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।

## ମୋରଡ଼ା ପ୍ରେସକ୍ଲବର ବନ୍ଧୁମିଳନ

ମୋରଡା,୨୧।୧୨(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ପ୍ରେସକ୍ଲବର ବନ୍ଧୁମିଳନ ସ୍ଥାନୀୟ ପାଟପୁରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସକ୍ଲବର ସଭାପତି ଘାସିରାମ ବେହେରା,ସମ୍ପାଦକ ବିଶ୍ୱବନ୍ଦନ ବେହେରା, କୋଷାଧକ୍ଷ ଅବିନାଶ ମହାନ୍ତି, ସଦସ୍ୟ ସ୍ମାରକ ମାଜୀ, ତୁଷାରକାନ୍ତ ବେହେରା ପ୍ରମୁଖ ଅତିଥିମାନଙ୍କୁ ଆମନ୍ତ୍ରିତ କରିବା ସହିତ ବନ୍ଧୁମିଳନ କାର୍ଯ୍ୟକ୍ରମର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସଦସ୍ୟ ମନୋଜ କୁମାର ବେହେରା, ଜ୍ଞାନରଞ୍ଜନ ବେହେରା, ଚିତ୍ତରଞ୍ଜନ ବେହେରା, ଅରବିନ୍ଦ ତୁଙ୍ଗ, ସୁଧାଂଶୁ କୁମାର ରାଉତ,ଷଡାନନ ପାଣିଗ୍ରାହୀ, ସ୍ୱରୂପ ଦାସ, ଦିଲୀପ କୁମାର ଧଳ ଏବଂ ସ୍ଥାନୀୟ ପ୍ରମୁଖ ସମାଜସେବୀ ଉପସ୍ଥିତ ରହି ଆଗାମୀ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସଭାପତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମାନ୍ତରୀକରଣ ପ୍ରସଙ୍ଗ ଗ୍ରାମବାସୀଙ୍କ ସହ ଆଲୋଚନାକଲା ପୋଲିସ

ଯୋଡ଼ା,୨୧।୧୨(ଡି.ଏନ.ଏ):କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଭୂୟାଁ ରୋଇଡ଼ା ପଞ୍ଚାୟତର କ୍ୟାମ୍ପ ହଟିଂରେ ହେଉଥିବା ଧର୍ମାନ୍ତୀକରଣ ବିବାଦର ସମାଧାନ ପାଇଁ ବୁଧବାର ରୁଗୁଡ଼ି ପୋଲିସ ଗାଁରେ ପହଞ୍ଚିଥିଲା। ଧର୍ମାନ୍ତରୀକରଣ ସମ୍ପର୍କରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲା। ଅନ୍ୟପକ୍ଷର ସଦସ୍ୟମାନେ ଅନୁପସ୍ଥିତ ଥିବାରୁ ତାହା ହୋଇ ପାରି ନ ଥିଲା। ତେବେ ପରବର୍ତ୍ତୀ ସମୟରେ ଦିନ ଓ ସମୟ ଧାର୍ଯ୍ୟ କରି ଉଭୟ ପକ୍ଷଙ୍କୁ ଡକାଇ ସମାଧାନ କରାଯିବ ବୋଲି ପୋଲିସ ଗ୍ରାମବାସୀଙ୍କୁ କହିଥିବା ଜଣାପଡ଼ିଛି। ପ୍ରକାଶ ଯୋଗ୍ୟ, ଉକ୍ତ ଗ୍ରାମରେ ଧର୍ମାନ୍ତରକରଣକୁ ନେଇ ଗ୍ରାମରେ ବିବାଦ ଉପୁଜିଥିଲା। ଏ ନେଇ ଧରିତ୍ରୀରେ ଖବର ମଧ ପ୍ରକାଶିତ ହୋଇଥିଲା ।

## ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

ରୂପସା,୨୧।୧୨(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଯୁକ୍ତ ୩ ପଦାର୍ଥ ବିଜ୍ଞାନ ସମ୍ମାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରି ଛାତ୍ରୀଛାତ୍ରଙ୍କ ସ୍ୱପ୍ନରେ ସଫଳତା ନିହିତ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ବିଭାଗୀୟ ମୁଖ୍ୟ ଜୟକୃଷ୍ଣ ସାହୁ, ପ୍ରାଧାପିକା କଳ୍ପନା ମଞ୍ଜରୀ ପାତ୍ର, ଡ. ଅର୍ଦ୍ଧେନ୍ଦୁ କୁମାର ଦାଶ, ଅଧାପକ ଗୌରାଙ୍ଗ ପଣ୍ଡା, ଶ୍ରବଣ କୁମାର ନାୟକ ଓ ରତନ କୁମାର ଭୂୟାଁ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଧର ମହାପାତ୍ରଙ୍କ ସମେତ ବିଭାଗୀୟ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବହେଳିତ କେଶରୀ କୁଣ୍ଡ

ଚମ୍ପୁଆ,୨୧।୧୨(ଡି.ଏନ.ଏ.)

- ୨୦୦୮ରୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ପାଇଛି
- ଭଲ ରାସ୍ତା କି ପାର୍କିଂ ସୁବିଧା ନାହିଁ
- ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନି

ଅବହେଳିତ ଅବସ୍ଥାରେ ରହିଛି ପର୍ଯ୍ୟଟନ ସ୍ଥଳୀ କେଶରୀ କୁଣ୍ଡ। ୨୪ ବର୍ଷ ହେଲା ପର୍ଯ୍ୟଟନ ସ୍ଥଳର ମାନ୍ୟତା ଲାଭ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା, ପାର୍କିଂ ଓ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇନାହିଁ। ପୁରାଣ କଥାବସ୍ତୁରେ ସ୍ଥଳର ମାହାତ୍ମ୍ୟ ରହିଛି। ଲୋକେ ଏଠାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥାନ୍ତି। ମାତ୍ର ମୌଳିକ ସୁବିଧା ନ ଥିବାରୁ ସ୍ଥଳ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ। ପର୍ଯ୍ୟଟନ ସ୍ଥଳକୁ ଗୁରୁତ୍ୱ ଦେଇ ସୌନ୍ଦର୍ଯ୍ୟ ତଥା ଉନ୍ନୟନ କାର୍ଯ୍ୟ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରୁଛନ୍ତି।

ଚମ୍ପୁଆ ସଦର ମହକୁମାଠାରୁ ମାତ୍ର ୧୦ କି.ମି. ଦୂରରେ ଥିବା କେଶରୀ କୁଣ୍ଡ ୨୦୦୮ରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି। ବୈତରଣୀ ନଦୀର କୁଳୁକୁଳୁ ନାଦ ଓ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା, ସବୁଜ ବନାନୀ ଭରା ପ୍ରାକୃତିକ ପରିବେଶ ସହିତ ପୁଣ୍ୟତୋୟା ଚିରସ୍ରୋତା ବୈତରଣୀ କେଶରୀ କୁଣ୍ଡକୁ ମନୋରମ କରି ଗଢ଼ି ତୋଳିଛି। ଏଥିସହ ନଦୀ ଗର୍ଭରେ ଥିବା ବିରାଟ ପଥର ଚଟାଣ ସ୍ଥଳର ସୌନ୍ଦର୍ଯ୍ୟ ବଢ଼ାଇ ଦେଉଛି। ବଣଭୋଜି ପାଇଁ ଏହା ଏକ ଉତ୍ତମ ସ୍ଥାନ ହୋଇଥିଲେ ହେଁ ଚଳିତ ମାସ ବର୍ତ୍ତମାନ ସୁଦ୍ଧା କାଁ ଭାଁ କିଛି ସ୍ଥାନୀୟ ବଣଭୋଜି ଦଳକୁ ଛାଡ଼ି ଦେଲେ ସେମିତି ଆଖିଦୃଶିଆ ପର୍ଯ୍ୟଟକଙ୍କ ଆଗମନ ହୋଇନାହିଁ। ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ଭାଗ କରୁଥିବା ଏହି ନଦୀର ଗୋଟିଏ ପଟେ କେଶରୀ ଗାଁ ଓ ଅନ୍ୟପାଖରେ ସରେଇ ଗାଁ ଅବସ୍ଥିତ। ନଦୀ ଗର୍ଭରେ ଥିବା ପଥର ଚଟାଣରେ ୩ ଗୋଟି କୁଣ୍ଡ ଏହାର ମାହାତ୍ମ୍ୟ ବଢ଼ାଇଥାଏ। ବିଶେଷ ଭାବରେ ମକର ସଂକ୍ରାନ୍ତି ଦିନ ଏଠାରେ ଏକ ବିରାଟ ମେଳାର ଆୟୋଜନ ହୋଇଥାଏ।



କେଶରୀ କୁଣ୍ଡ।

ନଦୀକୁ ଓହ୍ଲାଇବା ପାଇଁ ପାହାଚ ବ୍ୟବସ୍ଥା କରାଯାଇଛି। ଏଥିସହ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ବିକାଶ ଅଧୀନରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ସଂଯୋଗୀ ରାସ୍ତା ଓ ଯାନବାହନ ରହଣି ସ୍ଥଳର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଔପନ୍ୟାସିକା ପଦ୍ମିନୀ ମିଶ୍ର କୁହନ୍ତି, ଐତିହାସିକ ଭିତ୍ତିଭୂମିରେ ରାଜା ଯଯାତି କେଶରୀ କରିଥିବା ଦଶାଶ୍ୱମେଧ ଯଜ୍ଞରେ କନୌଜରୁ ଆସିଥିବା ବ୍ରାହ୍ମଣମାନଙ୍କ ପରାମର୍ଶରେ ନଦୀ ତଟରେ ଶିବ ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ଏହି ସ୍ଥାନକୁ ଦ୍ୱିତୀୟ ଗଙ୍ଗା ଭାବେ ଗ୍ରହଣ କରି ଶ୍ରାଦ୍ଧ ଓ ଅସ୍ଥି ବିସର୍ଜନ କାର୍ଯ୍ୟ କରାଯାଇ ପିତୃ ପୁରୁଷଙ୍କୁ ଅର୍ପଣ କରାଯାଇଥାଏ। ବିଶେଷ ଭାବରେ ଏଠାରେ ଥିବା ତିନି ଗୋଟି କୁଣ୍ଡରେ ସ୍ନାନକଲେ ପାପକ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଥିବା ସେ କହିଥିଲେ। ସ୍ଥାନୀୟ ଅଧିବାସୀ ବିଧୁଭୂଷଣ ପତିଙ୍କ କହିବା ଅନୁଯାୟୀ, ଏଠାରେ ଆମୋଦ ପ୍ରମୋଦର ବ୍ୟବସ୍ଥା ନାହିଁ। ଏପରିକି ପିଇବା ପାଣି, ରାସ୍ତାଘାଟର ଉନ୍ନତି ହୋଇ ନ ଥିବା ବେଳେ ବିଦ୍ୟୁତ୍ ଓ ପର୍ଯ୍ୟଟକ ରହିବା ପାଇଁ ବ୍ୟବସ୍ଥା ନାହିଁ। ଫଳରେ ପର୍ଯ୍ୟଟକ ଏଠାକୁ ଆସୁ ନାହାନ୍ତି। ଏଥିପ୍ରତି ସରକାରୀସ୍ତରରେ ପଦକ୍ଷେପ ଗ୍ରହଣ କରାଗଲେ ଏହା ଏକ ଉନ୍ନତ ପର୍ଯ୍ୟଟନ ସ୍ଥଳୀ ହୋଇ ପାରିବ ବୋଲି ସେ କହିଛନ୍ତି।

## ସ୍ୱଚ୍ଛତା କ୍ଷେତ୍ରରେ ଜାତୀୟ ପୁରସ୍କାର ପାଇଲେ ସସ୍ମିତା

ଭଦ୍ରକ ଅଫିସ, ୨୧।୧୨

ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଇଣ୍ଡିଆ ସାନିଟେସନ କୋଆଲିସନ ପକ୍ଷରୁ ସ୍ୱଚ୍ଛତା ପରିବର୍ତ୍ତନକାରୀ ମହିଳା-୨୦୨୨ ଜାତୀୟ ପୁରସ୍କାର ପାଇଛନ୍ତି ଭଦ୍ରକ ପୌରପାଳିକା ୧୭ନଂ. ୱାର୍ଡର ସ୍ୱଚ୍ଛ ସାଥି ସସ୍ମିତା ବାରିକ। ଜାତୀୟସ୍ତରରେ ଓଡ଼ିଶାରୁ ୩ ଜଣ ଜାତୀୟ ପୁରସ୍କାର ପାଇଥିବା ବେଳେ ଭଦ୍ରକରୁ ସସ୍ମିତା ଏହି ପୁରସ୍କାର ପାଇ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗତ ୭ ତାରିଖରେ ନୂଆଦିଲ୍ଲୀରେ ତାଙ୍କୁ ଏହି ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଛି। ଭଦ୍ରକ ୧୭ ନଂ. ୱାର୍ଡର ନରେନ୍ଦ୍ର ବାରିକ ଓ ଲକ୍ଷ୍ମୀପ୍ରିୟା ବାରିକଙ୍କ ମଝିଆ ଝିଅ ହେଉଛନ୍ତି ସସ୍ମିତା। ଗ୍ରାଜୁଏସନ ପରେ ୨୦୧୯ରେ ଭଦ୍ରକ ପୌରପାଳିକାରେ ସ୍ୱଚ୍ଛସାଥି ଭାବେ କାର୍ଯ୍ୟ କରୁଛନ୍ତି। ନିଜ ୱାର୍ଡକୁ ସ୍ୱଚ୍ଛ ରଖିବା ପାଇଁ ସବୁବେଳେ ଲୋକମାନଙ୍କୁ ସଚେତନ କରାଇଥାନ୍ତି। ପ୍ରତ୍ୟେକ ଦିନ ସକାଳ ୭ଟାରୁ ସାଇକେଲରେ ବାହାରି ନିଜ ୱାର୍ଡ ସହିତ ଅନ୍ୟ ୱାର୍ଡର ଘର ଘର ବୁଲି ଲୋକମାନଙ୍କୁ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ ପୃଥକ୍ ପକାଇବା ପାଇଁ ବୁଝାଇଥାନ୍ତି। ପାଇଖାନା ଟାଙ୍କି ପୌରପାଳିକା ଗାଡ଼ି ଦ୍ୱାରା ସଫେଇ କରିବା ପାଇଁ ଲୋକମାନଙ୍କୁ ବୁଝାଇଥାନ୍ତି। ଅଳିଆ ଗାଡ଼ିରେ ବସି ଅଳିଆ ଏଣେ ତେଣେ ନ ପକାଇ ଅଳିଆ ଗାଡ଼ିରେ ପକାଇବା ପାଇଁ କୁହନ୍ତି। ତାଙ୍କର ଏପରି ନିଷ୍ଠାପର କାର୍ଯ୍ୟ ପାଇଁ ପୌରପାଳିକା ପକ୍ଷରୁ ମଧ ସ୍ୱଚ୍ଛସାଥି ଭାବେ ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ତାଙ୍କୁ ଆଗକୁ କାମ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ସସ୍ମିତା। ଏହି ଜାତୀୟ ପୁରସ୍କାର ପାଇବା ପରେ ସେ ପୌରପାଳିକାର ସମସ୍ତ ଅଧିକାରୀଙ୍କୁ ଏହାର ଶ୍ରେୟ ଦେଇଛନ୍ତି।



ପ୍ରମାଣପତ୍ର ସହ ସସ୍ମିତା।

## 'ବିକାଶ ନାହିଁ, ବିନାଶ ଚାଲିଛି'



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ।

### କଂଗ୍ରେସର ସମ୍ବର୍ଦ୍ଧନା ଉତ୍ସବ

ରୂପସା, ୨୧।୧୨(ଡି.ଏନ.ଏ.)

କଂଗ୍ରେସ ସରକାର ସମୟରେ ବସ୍ତା ନିର୍ବାଚନ ମଣ୍ଡଳୀରେ ବିକାଶ ହୋଇଥିଲା। ଏହା ପରେ ବସ୍ତାର ବିକାଶ ନାହିଁ, କେବଳ ବିନାଶ ଚାଲିଛି। ସମଗ୍ର ବସ୍ତା ଅଞ୍ଚଳକୁ ଯେଉଁ ପ୍ରକଳ୍ପ ଆସୁଛି, ତାକୁ ଚଞ୍ଚକତା କରି ବାଟବଣା କରାଯାଉଛି। କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାର ବିକାଶ କ୍ଷେତ୍ରରେ ଫେଲ୍ ମାରିଛନ୍ତି ବୋଲି ବୁଧବାର ଆୟୋଜିତ ବସ୍ତା ବ୍ଲକ ରାଉତପଡା ଓ ଗଡ଼ପଦା ପଞ୍ଚାୟତର ନୂତନ କଂଗ୍ରେସ ସଭାପତିଙ୍କ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ଜିଲା ସଭାପତି ସଞ୍ଜୀବ ଗିରି ଓ ବିଧାନସଭା କ୍ଷେତ୍ର ନେତା ବିଜନ ନାୟକ ବକ୍ତବ୍ୟରେ କହିଥିଲେ। ସଭାରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ସଭାପତିତ୍ୱ କରିଥିଲେ। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ମଞ୍ଚ ସଂଯୋଜନା କରିଥିଲେ। ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ ଉପସ୍ଥିତ କର୍ମୀ ଓ ନେତୃବୃନ୍ଦଙ୍କୁ ମୋବାଇଲରେ ବାର୍ତ୍ତା ଦେଇଥିଲେ। ରାଉତପଡ଼ା ପଞ୍ଚାୟତ ସଭାପତି ପ୍ରଦୀପ ଦେ ଓ ଗଡ଼ପଦା ପଞ୍ଚାୟତ ସଭାପତି ଚକ୍ରଧର ମହାନ୍ତିଙ୍କୁ ଦଳୀୟ ନେତୃବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ନୂଆଗାଁ ଷ୍ଟେଶନଠାରୁ ଏକ ବାଇକ ଶୋଭାଯାତ୍ରାରେ ନେତୃତ୍ୱ ଓ କର୍ମୀମାନେ ବିଭିନ୍ନ ଗାଁ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ମନୋରଞ୍ଜନ ନାୟକ, ରବୀନ୍ଦ୍ର ଭଞ୍ଜ, ପୂର୍ବତନ ସରପଞ୍ଚ ପ୍ରଭାସ ମଣ୍ଡଳ, ବ୍ଲକ ଉପସଭାପତି ଜୟନ୍ତ କୁମାର ମହାପାତ୍ର, ଶ୍ରମିକ ସଭାପତି ରବୀନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ବାବାଜୀ ଦେହୁରୀ, ଜଗଦୀଶ ସାହୁ, ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ହୃଷିକେଶ ପଣ୍ଡା, ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ସୃଷ୍ଟିଧର ମହାଳିକ, ସନ୍ତୋଷ ବାରିକ ପ୍ରମୁଖ ମଞ୍ଚାସୀନ ହୋଇ ଦଳର ସ୍ଥିତିକୁ ମଜଭୂତ ଦିଗରେ ଆହ୍ୱାନ ଦେଇଥିଲେ। ୫ଟି ପରିବାର ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। ଯୁବନେତା ଗୌରହରି ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜଳିଗଲା ବୋଲେରୋ

ପାଟଣା,୨୧।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ପୁଟୁଳିଆ ଗ୍ରାମର ପ୍ରଧାନ ସାହିରେ ମଙ୍ଗଳବାର ରାତିରେ ଏକ ବୋଲେରୋ ଜଳିଯାଇଛି। ଏନେଇ ପାଟଣା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗ୍ରାମର ବିରବର ମହାନ୍ତଙ୍କ ଘର ସମ୍ମୁଖରେ ଓ ୦୫ ଜେଡ୍ ୨୩୮୦ ନମ୍ବର ବିଶିଷ୍ଟ ବୋଲେରୋ ପ୍ଲସ୍ ଗାଡିଟି ଥିଲା। ବିଳମ୍ବିତ ରାତିରେ ଗାଡ଼ିରେ ନିଆଁ ଲାଗି କାଚ ଫାଟିବା ଶବ୍ଦ ଶୁଣି ଘରଲୋକ ଉଠି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ସମସ୍ତ ଯନ୍ତ୍ରାଂଶ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

## ବେଆଇନ ଧଳାପଥର ଚାଲାଣ,୬ ଗିରଫ

ସାରସକଣା,୨୧।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ବେଆଇନ ଧଳା ପଥର ବୋଝେଇ ୨ ଟ୍ରକ୍ ଜବତ କରିଛି। ବୁଧବାର ଭୋର ସମୟରେ ପାକଟିଆ ଅଞ୍ଚଳରୁ ଧଳାପଥର ବୋଝେଇ କରି ଆସୁଥିବା ସମୟରେ ଜୋକା ରାସ୍ତାରେ ପୋଲିସ ଗାଡ଼ି ୨ଟିକୁ ଅଟକାଇ ଥାନାକୁ ଆଣିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୨୯୪/୨୨) ରୁଜୁ ହୋଇଛି। ଏହି ଘଟଣାରେ ଚାଳକ ପଶ୍ଚିମବଙ୍ଗ ରାଜ୍ୟ ବେଲପାହାଡି ଥାନା ଅଞ୍ଚଳର ମନୋରଞ୍ଜନ ଦୁଲେ, ମାଛକାନ୍ଦଣା ଗ୍ରାମର ବାସୁଦେବ ସିଂ, ହେଲପର ଜଗଦିଶ ସିଂଙ୍କ ସହିତ ଝାରପୋଖରିଆ ଥାନା ଅଞ୍ଚଳର ମୁନା ସେଠୀ, ସୁମନ ସେଠୀ ଓ ଝାଡ଼ଖଣ୍ଡ ରାଜ୍ୟ ଘୋଡ଼ାବନ୍ଧା ଥାନା ଅଞ୍ଚଳର ଦେବବ୍ରତ ସୋଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ କହିଛନ୍ତି।



ଜବତ ଧଳାପଥର ବୋଝେଇ ଟ୍ରକ୍।

## ବିଦ୍ୟୁତ୍ ସଂସ୍ପର୍ଶରେ ଶ୍ରମିକଙ୍କ ମୃତ୍ୟୁ

ଆନନ୍ଦପୁର,୨୧।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ମାର୍ଶାପାଳଠାରେ ଏଲିଫ୍ୟାଣ୍ଟ କରିଡ଼ର ଯୋଜନାରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ରଙ୍ଗ ଲଗାଉଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ କେନ୍ଦୁଝର ଜିଲା ବାମେବାରୀ ଥାନା ଗଡୁଆଟୋପା ଗ୍ରାମର ଭୀମ ମୁଣ୍ଡା। ସ୍ଥାନୀୟ ଅଞ୍ଚଳଟି ହାତୀମାନଙ୍କର ନିୟମିତ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ଏହି ସ୍ଥାନରେ ଅଳ୍ପ ଉଚ୍ଚରେ ଥିବା ବିଦ୍ୟୁତ୍ ତାର ଉଚ୍ଚା କରାଯାଉଛି। ଟେଣ୍ଡର ମାଧ୍ୟମରେ ଏହି କାମ ଚାଲିଥିବାବେଳେ ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ପକ୍ଷରୁ ଏହି କାମ ଆଗେଇ ଚାଲିଛି। ତେବେ ବିଦ୍ୟୁତ୍ ବିଭାଗକୁ ଅବଗତ କରାନଯାଇ ବିଦ୍ୟୁତ୍ ସରବରାହ ସମୟରେ ଠିକା ସଂସ୍ଥା ପକ୍ଷରୁ ଖୁଣ୍ଟରେ ରଙ୍ଗ ଲଗାଇବା କାର୍ଯ୍ୟ ଚାଲିଥିଲା। ଫଳରେ କାର୍ଯ୍ୟରତ ଶ୍ରମିକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ସେଠାରେ କାମ କରୁଥିବା ଶ୍ରମିକମାନେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସିଦ୍ଧେଶ୍ୱର ଘାଟରୁ ଜବରଦଖଲ ଉଚ୍ଛେଦ

ଧାମନଗର,୨୧।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ତହସିଲ ଅଧୀନ ଆନନ୍ଦପୁର ପଞ୍ଚାୟତର ହାତୀଡ଼ିହ ଛକ ସିଦ୍ଧେଶ୍ୱର ଘାଟରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବୈତରଣୀ ନଦୀ ଉପରେ ନିର୍ମିତ ସେତୁକୁ ସଂଯୋଗ ରାସ୍ତାରେ ଦୋକାନ ଥିବାରୁ କାମ ଆଗେଇ ପାରୁ ନ ଥିଲା। ଧାମନଗର ତହସିଲ ପକ୍ଷରୁ ବୁଧବାର ୭ ଦୋକାନ ଗୃହକୁ ଭଙ୍ଗା ଯାଇଥିଲା। ପ୍ରକାଶଥାଉକି, ଖଡ଼ିପଦା-ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ବୈତରଣୀ ନଦୀର ସିଦ୍ଧେଶ୍ୱର ଘାଟଠାରେ ୪୦ କୋଟି ଟଙ୍କା ବ୍ୟୟରେ ଏକ ସେତୁ ନିର୍ମାଣ କରାଯାଇଛି। ଗତ ମାର୍ଚ୍ଚରୁ କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସେତୁର ବାମପାର୍ଶ୍ୱ ଆନନ୍ଦପୁର ମୌଜାର ପ୍ଲଟ୍ ନଂ. ୫୬୮ ଓ ଖାତା ନଂ. ୩୪୮ରେ କିଛି ଦୋକାନୀ ଘର କରି ବ୍ୟବସାୟ କରୁଥିବାରୁ ଆପ୍ରୋଚ ରୋଡ୍ ହୋଇପାରି ନ ଥିଲା। ପ୍ରଶାସନ ପକ୍ଷରୁ ପୂର୍ବରୁ ନୋଟିସ୍ ସହ ମଙ୍ଗଳବାର ତହସିଲଦାର କ୍ଷୀରୋଦ ପଣ୍ଡା ଦୋକାନ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଛେଦରେ ତହସିଲଦାରଙ୍କ ସମେତ ରେଭିନ୍ୟୁ ସୁପରଭାଇଜର ଧନେଶ୍ୱର ମାରାଣ୍ଡି, ସୋଧ ସର୍କଲ ରାଜସ୍ୱ ନିରୀକ୍ଷକ ବିଜୟ ବେହେରା, ଅମିନ ସୁଦର୍ଶନ ପତି, ଥାନାଧିକାରୀ ବନମାଳି ବାରିକ, ଏଏସ୍ଆଇ ଗୁରୁଚରଣ ବେହେରା, ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ଅଧିକ୍ଷଣ ଯନ୍ତ୍ରୀ ଅକ୍ଷୟ ସାହୁ, ସହକାରୀ ନିର୍ବାହୀଯନ୍ତ୍ରୀ ଅଲେଖଚନ୍ଦ୍ର ସାହୁ, ସୁବାସଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।



ଜେସିବି ଲାଗାଯାଇ ଉଚ୍ଛେଦ କରାଯାଉଛି।

## 'ପିଲାଙ୍କ ରୁଚିକୁ ଅଗ୍ରାଧିକାର ଦିଆଯାଉ'

### ମାଖନପୁର ହାଇସ୍କୁଲ ବାର୍ଷିକ ଉତ୍ସବ

ଖଇରା, ୨୧।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ସରକାରୀ ହାଇସ୍କୁଲ ବାର୍ଷିକ ଉତ୍ସବ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କ ରୁଚି ଅନୁଯାୟୀ ସେମାନଙ୍କର ଶିକ୍ଷାଦାନ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଓଷ୍ଟା ସାଧାରଣ ସମ୍ପାଦକ ଷଡ଼ାନନ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ମାଖନପୁର ସରପଞ୍ଚ ସରୋଜିନୀ ଦାସ, ପରିଚାଳନା କମିଟି ସଭାପତି ରତ୍ନାକର ଦାସ, ଅନାଦି ରଞ୍ଜନ ଦାସ, ମଧୁସୂଦନ ଦାସ, ବିଭୁପାଦ ଦାସ, ପ୍ରଭୁପାଦ ଦାସ ଓ ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଅନ୍ୟତମ ପ୍ରତିଷ୍ଠାତା ଭକ୍ତନାରାୟଣ ଦାସ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ଜଣେ ଶିଶୁ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

## ଦାଦନମୁକ୍ତ ବାଲେଶ୍ୱର ଘୋଷଣା ଦାବି

ବାଲେଶ୍ୱର ଅଫିସ, ୨୧।୧୨

ଗୁରୁବାର ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଗସ୍ତରେ ଆସୁଥିବାରୁ ଜିଲାକୁ ଦାଦନମୁକ୍ତ ଘୋଷଣା କରନ୍ତୁ ବୋଲି ବୁଧବାର ବାଲେଶ୍ୱର ସହରସ୍ଥିତ ସଦର ଭାଜପା ଅଫିସ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ଦାବି କରିଛନ୍ତି। ଏହାସହ ସେ ଜିଲାର ବିକାଶ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବାଲେଶ୍ୱର ଉପନିର୍ବାଚନ ସମୟରେ ଜିଲାର ଦାୟିତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀ, ଜିଲାରେ ଶାସକ ଦଳର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଶିଳ୍ପ ମନ୍ତ୍ରୀ ଏବଂ ଜିଲାକୁ ପ୍ରତିନିଧିତ୍ୱ କରୁଥିବା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀଙ୍କୁ ଜିଲାର ବିକାଶ ସମ୍ପର୍କରେ ଅବଗତ ନିମନ୍ତେ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦାବି ଉପସ୍ଥାପନା କରିଛନ୍ତି। ଦିନେ ଶିଳ୍ପ ଓ କୃଷି ମାନ୍ୟତାରେ ସ୍ୱତନ୍ତ୍ର ପରିଚୟ ମିଳୁଥିବା ବାଲେଶ୍ୱର ଜିଲାରେ ଏବେ ଶିଳ୍ପସଂସ୍ଥା ରଗ୍‌ଣ ହୋଇଯାଇଛି। ନୂତନ ଶିଳ୍ପାନୁଷ୍ଠାନ ଖୋଲିବା ତ ଦୂରର କଥା ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ପରିବାର କାର୍ଯ୍ୟ ହରାଇ ଆର୍ଥିକ ଅନାଟନ ସମ୍ମୁଖୀନ ହେଉଛନ୍ତି। ଜିଲାର ସର୍ବବୃହତ୍ ଶିଳ୍ପ କାରଖାନା ବିର୍ଲା ଟାୟାର୍ସ ବନ୍ଦ ଥିବା ବେଳେ ଦୀର୍ଘଦିନ ଧରି ଇସ୍ପାତ ଆଲଏଜ୍, ଇମାମୀ ପେପରମିଲ୍‌ସ ଭଳି ଛୋଟବଡ଼ ବହୁ କାରଖାନାର ରଗ୍‌ଣ ଅବସ୍ଥା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେହିପରି ଅବ୍ୟବସ୍ଥା କାରଣରୁ ଧାନସଂଗ୍ରହ ପ୍ରକ୍ରିୟା, ମଣ୍ଡିରେ ତ୍ରୁଟିପୂର୍ଣ୍ଣ ପରିଚାଳନା ଏବଂ କଟନୀ ଛଟନୀ ସମସ୍ୟା ଚାଷୀମାନଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ପରିବା ଅମଳ ହୋଇ ନଷ୍ଟ ହେଇଯାଉଛି, କିନ୍ତୁ ଦୁର୍ଭାଗ୍ୟର ବିଷୟ ଶୀତଳ ଭଣ୍ଡାରଟିଏ ହୋଇପାରିଲା ନାହିଁ। ଫଳରେ ଉଭୟ ଖରିଫ୍ ଏବଂ ରବି ଚାଷୀ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଅନ୍ୟପକ୍ଷରେ ସିଟି ବସ୍ ଚଳାଚଳ ବ୍ୟବସ୍ଥା, ରିଂ ରୋଡ୍ ପ୍ରକଳ୍ପ, ଗଣେଶ୍ୱରପୁରଠାରେ ନୂତନ ବସ୍‌ଷ୍ଟାଣ୍ଡ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ ଓ ଉଦ୍‌ଘାଟନ କରିଥିଲେ ମଧ ଦୀର୍ଘବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ପୂର୍ବତନ କାଉନସିଲର ସୁଜିତ ଦେବ, କାଉନସିଲର ନିତ୍ୟଗୋପାଳ ସିଂ, ଭାରତୀ ପାତ୍ର ଓ ସସ୍ମିତା ନାଥ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

